# ଜିଲ୍ଲା ଅବକାରୀ କାର୍ଯାଳୟ, ନବରଙ୍ଗପୁର ।

ଚିଠି ସଂଖ୍ୟା ୧୩୪୦ /ଅ.,୨୦୨୨ ତାରିଖ. ୧୨-୧୦-୨୦୨୨

ଫର୍ମ ନଂ. ୮

{ଦ୍ରଷ୍ଟବ୍ୟ :- ନିୟମ ୩୧ (କ), ୩୩(୧), ୫୧(୬)}

## ସର୍ବ ସାଧାରଣଙ୍କ ନିମନ୍ତେ ନୋଟିସ(ଅଭିଯୋଗ)

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସ୍ଥାନରେ ଅବକାରୀ ଦୋକାନ ରାଜ୍ୟ ସରକାର ଅବକାରୀ ବିଭାଗ ୨୦୨୨-୨୩ ବର୍ଷ ପାଇଁ (୧୨-୧୦-୨୦୨୨ ଠାରୁ ୩୧.୦୩.୨୦୨୩) ନିମନ୍ତେ ଲାଇସେନସ ପରିବର୍ତନ କୋଷଗୁମୁଡା ବିୟର ପାର୍ଲର "ଠିପି ଖୋଲା" ବିଦେଶୀ ମଦ ଦୋକାନ, କୋଡିଙ୍ଗା ରୁ ବିଦେଶୀ "ଠିପି ଖୋଲା" ମଦ ଦୋକାନ କିଂସ ବାର ଏଣ୍ଡ ରେଷ୍ଟୋରାଣ୍ଟ, କୋଡିଙ୍ଗା (without lodging) କରିବାର ପ୍ରସ୍ତାବ ରହିଛି । ଏହାର ଖାସ୍ ଦଖଲ ଅଞ୍ଚଳ ନିମ୍ନରେ ପ୍ରଦାନ କରାଗଲା । ଏ ସମ୍ବନ୍ଧରେ ଯଦି କାହାର କିଛି ଅଭିଯୋଗ ଥାଏ, ତାହାହେଲେ ସେହି ସ୍ଥାନରେ ବାସ କରୁଥିବା ବ୍ୟକ୍ତି ବିଶେଷ ତାଙ୍କର ଅଭିଯୋଗ ନିମ୍ନ ସ୍ଵାକ୍ଷରକାରୀଙ୍କ ଠିକଣାରେ ତା. ୨୬-୧୦-୨୦୨୨ ରିଖ ସୁଦ୍ଧା ଜଣାଇବେ । ଯଦି କୌଣସି ଅଭିଯୋଗ ଉପରୋକ୍ତ ଧାର୍ଯ୍ୟ ତାରିଖ ପରେ ହସ୍ତଗତ ହୁଏ ତାହାହେଲେ ଏହା ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ ।

12.10.22

ଜିଲ୍ଲାପାଳ, ନବରଙ୍ଗପୁର ।

| କ୍ରମିକ ସଂଖ୍ୟା | ଦୋକାନର କିସମ | ଦୋକାନର ଚାଲୁଥିବା ସ୍ଥାନ | ଦୋକାନର ଖାସ୍ ଦଖଲ ଅଞ୍ଚଳ |
|---|---|---|---|
| (୧) | (୨) | (୩) | (୪) |
| ବିଦେଶୀ "ଠିପି ଖୋଲା" ମଦ ଦୋକାନ:- | | | |
| ୧ | ବିୟର ପାର୍ଲର "ଠିପି ଖୋଲା" | କୋଷଗୁମୁଡା ବିୟର ପାର୍ଲର "ଠିପି ଖୋଲା" ବିଦେଶୀ ମଦ ଦୋକାନ, ସ୍ଥାନ- କୋଡିଙ୍ଗା ଖାତା ନଂ- ୭୧୨/୭୧୫, ପ୍ଲଟ ନଂ -୨୧୭୪/୨୮୧୬/୨୯୭୫, ମୌଜା- କୋଡିଙ୍ଗା, ଗ୍ରାମ ପଞ୍ଚାୟତ – କୋଡିଙ୍ଗା, ତହସିଲ-କୋଡିଙ୍ଗା, ଜିଲ୍ଲା- ନବରଙ୍ଗପୁର | ଦୋକାନ ପରିସର |

ଜ୍ଞାପକ ସଂଖ୍ୟା ୧୩୪୧ / ଅ.୨୦୨୨ ତାରିଖ. ୧୨-୧୦-୨୦୨୨

ଏହାର ଏକକିତା ନକଲ ଭାରପ୍ରାପ୍ତ ଅବକାରୀ ଅଧିକାରୀ, କୋଡିଙ୍ଗା/ଅବକାରୀ ନିରୀକ୍ଷକ, ନବରଙ୍ଗପୁରଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ଓ ବହୁଳ ପ୍ରଚାର / ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ସଂପୃକ୍ତ ଭରପ୍ରାପ୍ତ ଅବକାରୀ ଅଧିକାରୀଙ୍କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଯାଉଚି କି, ଏହାର ଏକ ନକଲ ସାର୍ବଜନୀନ ସ୍ଥାନରେ ଦୃଶ୍ୟମାନଭାବେ ଲଗାଇବେ, ଯେଉଁ ସ୍ଥାନରେ କି ପ୍ରସ୍ତାବିତ ଦୋକାନଟି ଖୋଲାଯିବ । ଏହା ବ୍ୟତୀତ ଏହାର ବିଷୟ ବସ୍ତୁ ଡିମ୍.ଡିମ୍. ବଜାଇ ଜନସାଧାରଣଙ୍କ ଅବଗତି ନିମନ୍ତେ

ଜଣାଇବେ । ନୋଟିସ୍ ର ଏକକିତା ନକଲ ସ୍ଥାନୀୟ ବାସିନ୍ଦାଙ୍କ ଦସ୍ତଖତ ଗ୍ରହଣ କରାଯାଇ, ନୋଟିସ୍ ର ବହୁଳ ପ୍ରଚାର / ପ୍ରସାର କରି, ଏହା ସପକ୍ଷରେ ଏକକିତା ମୂଳ (Original) ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ । ଏହାର ଏକ ନକଲ ଭରପ୍ରାପ୍ତ ଅବକାରୀ ଅଧିକାରୀ ତାଙ୍କ ନିକଟରେ ରଖିବେ । ସମସ୍ତଙ୍କୁ ଜାରୀ କରାଯାଇଥିବା ନକଲର ଏକ କପି, ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଉକ୍ତ ନୋଟିସର ଏକକିତା ନକଲ ଭାରପ୍ରାପ୍ତ ଅବକାରୀ ଅଧିକାରୀ, କୋଡିଙ୍ଗା ସପୃକ୍ତ ଚେୟାରମେନ/ ବ୍ଲକ / ପଞ୍ଚାୟତ ସମିତି / ସରପଞ୍ଚଙ୍କୁ ଜାରୀ କରି ଦସ୍ତଖତ, ତାରିଖ, ମୋହର ସହ ଏକ ନକଲ ରଖିବେ ।

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ,ନବରଙ୍ଗପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଅବକାରୀ ଡେପୁ୍ୟଟି କମିଶନର, ଦକ୍ଷିଣାଞ୍ଚଳ, ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ, ନବରଙ୍ଗପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନବରଙ୍ଗପୁରଙ୍କ ଅବଗତି ତଥା ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଏନ.ଆଇ.ସି. ନବରଙ୍ଗପୁରଙ୍କ ଅବଗତି ତଥା ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ ଅବକାରୀ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ / ଅବକାରୀ କମିଶନର, ଓଡ଼ିଶା, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ନୋଟିସ ବୋର୍ଡ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ନବରଙ୍ଗପୁର / ନୋଟିସ ବୋର୍ଡ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନବରଙ୍ଗପୁର, ସର୍ବସାଧାରଣଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

12.10.22

ଜିଲ୍ଲାପାଳ, ନବରଙ୍ଗପୁର ।